# ଲକ୍ଷ୍ମଣାନନ୍ଦଙ୍କୁ ଭାରତରତ୍ନ – ଜଗତେ କେବଳ ଜନେ ହସିବେ

ଗତ ନଭେମ୍ବର ୧୫ ତାରିଖରେ ବିଶ୍ୱହିନ୍ଦୁ ପରିଷଦ ଓ ଆର୍.ଏସ୍.ଏସ୍. ସମେତ ବିଭିନ୍ନ ଗୈରିକପନ୍ଥୀ ସଂଗଠନମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସ୍ମୃତି କମିଟିର ଛତ୍ରଛାୟା ତଳେ ଏକଜୁଟ୍ ହୋଇ ବିଜେଡି-ବିଜେପି ମେଣ୍ଟ ପରିଚାଳିତ ରାଜ୍ୟ ସରକାରଙ୍କ ପ୍ରତ୍ୟେକ୍ଷ ପ୍ରୋତ୍ସାହନରେ ଭୁବନେଶ୍ୱରରେ ଏକ ଜନସମାବେଶ ଆୟୋଜନ କରିଥିଲେ । ସଂବିଧାନ-ପ୍ରତିଶ୍ରୁତ ଧର୍ମନିରପେକ୍ଷତାକୁ ଭ୍ରୁକ୍ଷେପ ନକରି ରାଜ୍ୟର ସଂଖ୍ୟାଲଘୁ ଖ୍ରୀଷ୍ଟିଆନ୍ ଗୋଷ୍ଠୀଙ୍କ ବିରୁଦ୍ଧରେ ଲଗାତାର ବିଦ୍ୱେଷ ସୃଷ୍ଟି କରୁଥିବା ଏହି ସଂଗଠନମାନଙ୍କର ପ୍ରସ୍ତାବିତ ଜନସମାବେଶର ଆୟୋଜନକୁ ଅନୁମତି ନଦେବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ ହେଁ, ରାଜ୍ୟର ମୁଖ୍ୟମନ୍ତ୍ରୀ ସ୍ୱଳ୍ପ କିଛି ସର୍ତ୍ତ ସହିତ ତାହାକୁ ମଞ୍ଜୁରି ଦେଇଥିଲେ । ଫଳତଃ ସାଧାରଣ ଜନମାନସରେ ଯାହା ଆଶଙ୍କା ଥିଲା, ତାହା ହିଁ ଘଟିଲା, ଅର୍ଥାତ୍ ଉଭୟ ଭାରତ ଓ ଓଡିଶା ସରକାରଙ୍କ ଦ୍ୱାରା ଘୋଷିତ ଏକ ଛୁଟିଦିନ, ଡିସେମ୍ବର ୨୫, ଯାହାକି ଏକାଧାରରେ ସମସ୍ତଙ୍କ ପାଇଁ ବଡଦିନ ଏବଂ ବିଶେଷ କରି ସମୁଦାୟ ଖ୍ରୀଷ୍ଟିଆନ୍ ସମାଜ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବର ଦିନ, ଠିକ୍ ସେହି ଦିନ 'ଓଡିଶା ବନ୍ଦ' ଡାକରା ପାଇଁ ଉକ୍ତ ସମାବେଶରୁ ଆହ୍ୱାନ୍ ଦିଆଗଲା । ଲକ୍ଷ୍ମଣାନନ୍ଦ ହତ୍ୟାର ପ୍ରତିବାଦ ଆଳରେ ଗତ ୨୫ ଅଗଷ୍ଟରେ ଏହି ଗୈରିକ ଗୋଷ୍ଠୀ ଯେଉଁ ଓଡିଶା ବନ୍ଦ ଡାକରା ଦେଇଥିଲେ, ତହିଁର ସୁଯୋଗ ନେଇ ତାଙ୍କର ଉତ୍ୟକ୍ତ ଭକ୍ତମାନେ 'ଭାରତମାତା କୀ ଜୟ' ଓ 'ବନ୍ଦେ ମାତରଂ' ଇତ୍ୟାଦି ଧ୍ୱନି ଦେଇ ଜଣେ ଯୁବତୀ ରଜନୀ ମାଝିଙ୍କୁ ଜଳନ୍ତା ନିଆଁରେ ପୋଡି ମାରିଦେଇଥିଲେ, ଭଗ୍ନୀ ମୀନାଙ୍କୁ ବଳାତ୍କାର କରିଥିଲେ ଏବଂ ତା'ପରେ ତାଙ୍କୁ ଅର୍ଦ୍ଧ-ନଗ୍ନ ଅବସ୍ଥାରେ ପିତା ଚେଲାନ୍‌ଙ୍କ ସହ ରାଜରାସ୍ତାରେ ଚଲାଇ ଚଲାଇ ନେଇ ଅକଥନୀୟ ନିର୍ଯ୍ୟାତନା ଦେଇଥିଲେ, ସଂଖ୍ୟାଲଘୁଙ୍କର ଶହଶହ ବାସଗୃହ ଏବଂ ପ୍ରାର୍ଥନାକେନ୍ଦ୍ରକୁ ଭଙ୍ଗାରୁଜା ଓ ପୋଡାଜଳା କରିବା ସହ ସେମାନଙ୍କର ଧନସମ୍ପଦ ଲୁଟ୍‌ତରାଜ କରିଥିଲେ ଏବଂ ଆବାଳ-ବୃଦ୍ଧ-ବନିତା ନିର୍ବିଶେଷରେ ବହୁ ନରହତ୍ୟା ଘଟାଇଥିଲେ । ସେବେଠାରୁ ଆରମ୍ଭ ହୋଇଥିଲା ସେମାନଙ୍କର ଯୋଜନାବଦ୍ଧ ଖ୍ରୀଷ୍ଟିଆନ୍-ମାରଣ ଅଭିଯାନ, ଯାହାକି ଏବେବି ପ୍ରଶମିତ ହୋଇନି । ଗତ 'ଓଡିଶାବନ୍ଦ'ର ଗୈରିକ ବିଭୀଷିକା ଶାନ୍ତିପ୍ରିୟ ଓଡିଶାର ଜନମାନସରେ ଏକ କୁତ୍ସିତ ଓ କଳଙ୍କିତ ପ୍ରକରଣ ରୂପେ ଚିହ୍ନିତ ହୋଇରହିବ ଏଥିରେ ସନ୍ଦେହ ନାହିଁ । ସୁତରାଂ ଆଗାମୀ ଡିସେମ୍ବର ୨୫ରେ ପ୍ରସ୍ତାବିତ 'ଓଡିଶା ବନ୍ଦ'ର ସୁଯୋଗ ନେଇ ଏହି ଗୈରିକ ଜହ୍ଲାଦଗଣ ଓଡିଶାବାସୀଙ୍କ ବିରୁଦ୍ଧରେ ଆଉ କି କି ପୈଶାଚିକ ଶୈଳୀର ବିଭୀଷିକା ରଚେଇବେ, ତାହାର ନକ୍ସା ମଧ୍ୟ ଏବେଠୁଁ ସେମାନେ ତିଆରି କରିସାରିଲେଣି । ଏହାର ପ୍ରମାଣ, ଗତ ୧୫ ନଭେମ୍ବର ଜନସମାବେଶରେ ଜଣେ ଗୈରିକ ବକ୍ତା କହୁକହୁ କହିଲେ, ହିନ୍ଦୁର କ୍ରୋଧ ସହଜେ ପ୍ରଶମିତ ହୁଏନାହିଁ ଏବଂ ଡିସେମ୍ବର ୨୫ରେ ଆମେ ଦେଖେଇ ଦେବୁ, ଆମେ କ'ଣ କରିପାରୁ । ସେଦିନର ଗୈରିକ ଜନସମାବେଶର ଅନ୍ୟତମ ଦାବୀ ଥିଲା, ଲକ୍ଷ୍ମଣାନନ୍ଦଙ୍କୁ ଭାରତରତ୍ନ ପ୍ରଦାନ, ଯାହାକି ବର୍ତ୍ତମାନ ଏହି କ୍ଷୁଦ୍ର ପ୍ରବନ୍ଧର ମୂଳ ଜିଜ୍ଞାସା ।

## ବିଡମ୍ବିତ ଭାରତ ରତ୍ନ

୧୯୫୪ରେ ଦେଶର ସର୍ବଶ୍ରେଷ୍ଠ ନାଗରିକ ସମ୍ମାନ 'ଭାରତ ରତ୍ନ'ର ଜନ୍ମଠାରୁ ଏପର୍ଯ୍ୟନ୍ତ ମୋଟ ୪୧ଜଣଙ୍କୁ ଏହା ଅର୍ପଣ କରାଯାଇଛି । ସେମାନଙ୍କ ଭିତରେ ଦକ୍ଷିଣ ଆଫ୍ରିକାର ନେତା ନେଲସେନ୍ ମାଣ୍ଡେଲା ଏବଂ ଆଲ୍‌ବାନିଆବାସୀ ଅଥଚ ଭାରତର ନାଗରିକତ୍ୱ ଗ୍ରହଣ କରିଥିବା ମଦର୍ ଟେରେସା ଅଛନ୍ତି, ଏବଂ ପାକିସ୍ଥାନର ନାଗରିକ ଖାଁ ଅବ୍‌ଦୁଲ୍ ଗଫୁର୍ ଖାଁ ମଧ୍ୟ ଅଛନ୍ତି । ନେତାଜୀ ସୁଭାଷ ବୋଷଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ଘୋଷିତ ହୋଇଥିଲେ ହେଁ ସେ ଜୀବିତ କି ମୃତ, ଏ ସମ୍ବନ୍ଧରେ ଅକାଟ୍ୟ ପ୍ରମାଣ ନମିଳିବା ଯୋଗୁଁ ସୁପ୍ରିମ୍ କୋର୍ଟଙ୍କ ଆଦେଶ କ୍ରମେ ଏହା ପ୍ରତ୍ୟାହାର କରି ନିଆଯାଇଥିଲା । ବୈଜ୍ଞାନିକ ସି.ଭି.ରମଣ ଏବଂ ଏ.ପି.ଜେ. ଅବ୍‌ଦୁଲ୍ କଲାମ ତଥା ଅର୍ଥଶାସ୍ତ୍ରୀ ଅମର୍ତ୍ତ୍ୟ ସେନଙ୍କୁ ମଧ୍ୟ ଏହି ସମ୍ମାନ ମିଳିଛି । ସ୍ୱାଧୀନତା ଆନ୍ଦୋଳନ ଓ ପରବର୍ତ୍ତୀ ସମୟରେ ଦେଶ ପ୍ରତି ନିଜର ଅବଦାନ ପାଇଁ ଜବାହରଲାଲ, ଆଜାଦ୍, ପଟେଲ, ରାଜାଗୋପାଳାଚାରୀ, ରାଧାକୃଷ୍ଣନ, ଜୟପ୍ରକାଶ, ଲାଲ ବାହାଦୁର, ଜି.ବି.ପନ୍ଥ ଓ ଅରୁଣା ଆସଫ୍‌ଅଲି ଇତ୍ୟାଦି ରାଜନେତାଙ୍କୁ ଭାରତ ରତ୍ନରେ ଭୂଷିତ କରାଯାଇଛି । ସ୍ୱାଧୀନୋତ୍ତର କାଳରେ ନିଜର ଅବଦାନ ପାଇଁ ଯେଉଁମାନଙ୍କୁ ଏହା ପ୍ରଦାନ କରାଯାଇଛି, ସେମାନଙ୍କ ଭିତରେ ଅଛନ୍ତି ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ବିଧାନ ରାୟ, ମୋରାରଜୀ ଭାଇ, ଗୁଲ୍‌ଜାରିଲାଲ, ଆମ୍ବେଦ୍‌କର, କାମରାଜ, ଜି.ରାମଚନ୍ଦ୍ର ଓ ଗୋପୀନାଥ ବର୍ଦୋଲି ପ୍ରମୁଖ । ଅତୀତରେ କାହାକୁ ଭାରତ ରତ୍ନ ଦିଆଯିବ, ସେଥିପାଇଁ କେହି ଦାବୀ କରୁନଥିଲେ, ବରଂ ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ନାମ ଚୟନ କରୁଥିଲା । ବିରୋଧୀ ଦଳ ନେତା ଆଡ୍‌ଭାନୀ ଜାନୁଆରି ୨୦୦୮ରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ସ୍ୱତନ୍ତ୍ର ଚିଠି ଲେଖି ବାଜପାୟୀଙ୍କ ନାମ ସୁପାରିଶ୍ କରିବା ପରେ ଏହି ସର୍ବଶ୍ରେଷ୍ଠ ସମ୍ମାନ ପାଇଁ ବିଭିନ୍ନ ମହଲରୁ ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଆଡ୍‌ଭାନୀଙ୍କ ଏହି ଚିଠି ପରେ ପରେ ଦେଶର ପ୍ରତି ରାଜନୈତିକ ଗୋଷ୍ଠୀ ନିଜନିଜ ନେତାଙ୍କୁ ଏହି ସମ୍ମାନରେ ଭୂଷିତ କରିବା ପାଇଁ ପ୍ରସ୍ତାବ ଦେବାକୁ ଲାଗିଲେ । ଉଦାହରଣ ସ୍ୱରୂପ, ତେଲଗୁ ଦେଶମ୍ ଦଳ ଏନ୍.ଟି.ଆର୍.ଙ୍କୁ, ଅଜିତ୍ ସିଂହ ଚରଣ ସିଂଙ୍କୁ, ବିଜେଡି ବିଜୁ ପଟ୍ଟନାୟକଙ୍କୁ, କେତେକ ପ୍ରାକ୍ତନ ଜନତାଦଳ ନେତା ଚନ୍ଦ୍ରଶେଖରଙ୍କୁ ଓ ଆଉ କେତେକ ଭି.ପି.ସିଂହଙ୍କୁ, ମାୟାବତୀ କାଂଶୀରାମଙ୍କୁ, ସମାଜବାଦୀ ପାର୍ଟୀ ମୁଲାୟମଙ୍କୁ, ଆର୍‌ଜେଡି ଲାଲୁ ଯାଦବଙ୍କୁ , ଡିଏମ୍‌କେ କରୁଣାନିଧିଙ୍କୁ ଓ କଂଗ୍ରେସ ସୋନିଆ ଗାନ୍ଧୀଙ୍କୁ ଭାରତ ରତ୍ନ ଦିଆଯିବା ପାଇଁ ଦାବୀ ପେଶ୍ କଲେ । ଏହି କ୍ରମରେ ଜଗଜ୍ଜୀବନ ରାମ, ସଭରକାର, ବଂଶୀରାମ, ନିଜଲିଙ୍ଗପ୍ପା, କର୍ପୁରୀ ଠାକୁର ଓ ନରସିଂହ ରାଓଙ୍କ ନାମ ମଧ୍ୟ ପ୍ରସ୍ତାବିତ ହୋଇଛି । ଭାରତରତ୍ନକୁ କେନ୍ଦ୍ର କରି ଯେଉଁ ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇଛି, ତାହା ଫଳରେ ଏହି ସମ୍ମାନ ନିଜର ଗାରିମା ହରାଇବା ସହିତ ଭବିଷ୍ୟତରେ କୌଣସି ରାଜନେତାଙ୍କୁ ଏହା ଅର୍ପଣ କରାଯିବ ନାହିଁ ବୋଲି ଆଶଙ୍କା ମଧ୍ୟ ଦୃଢୀଭୂତ ହୋଇଛି । ଏହାର ପ୍ରମାଣ ହେଲା, ଚଳିତ ବର୍ଷ ଏହି ସମ୍ମାନ ଆଉ କାହାକୁ ନଦିଆଯାଇ ବିଶିଷ୍ଟ ସଂଗୀତଜ୍ଞ ପଣ୍ଡିତ ଭୀମସେନ ଯୋଶୀଙ୍କୁ ଅର୍ପିତ ହୋଇଛି । ଯେଉଁମାନେ ଜଣେ କଟ୍ଟର ହିନ୍ଦୁତ୍ୱବାଦୀ ଏବଂ ଖ୍ରୀଷ୍ଟଧର୍ମ ବିଦ୍ୱେଷୀ ଲକ୍ଷ୍ମଣାନନ୍ଦଙ୍କ ପାଇଁ ଭାରତରତ୍ନ ଦାବୀ କରିଛନ୍ତି, ସେମାନେ ଜାଣିବା ଆବଶ୍ୟକ ଯେ, ଖୋଦ୍ ବାଜପାୟୀଙ୍କର ଦୁଇଥର ପ୍ରଧାନମନ୍ତ୍ରୀତ୍ୱ କାଳରେ ତାଙ୍କର ସଂଘପରିବାରର ଅଗ୍ରଜ ନେତୃଗଣ ଯଥା ହେଗ୍‌ଡେଓ୍ୟାର୍, ଗୋଲ୍‌ଓ୍ୟାକର୍ ବା ସଭର୍‌କରଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇନାହିଁ, ବରଂ ୧୯୯୮ରେ ଜୟପ୍ରକାଶ ନାରାୟଣଙ୍କୁ, ୧୯୯୯ରେ ଅମର୍ତ୍ତ୍ୟ ସେନଙ୍କୁ ଓ ୨୦୦୧ରେ ସଂଗୀତ ଜଗତର ଦୁଇ ବିଶିଷ୍ଟ ପ୍ରତିଭା ଲତା ମୁଙ୍ଗେଶ୍‌କର ଏବଂ ଉସ୍ତାଦ୍ ବିସ୍‌ମିଲା ଖାଁଙ୍କୁ ଏହା ଅର୍ପିତ କରାଯାଇଥିଲା । ଯାହା ହେଉ, ଅତୀତରେ ଯେଉଁମାନଙ୍କୁ ଏହା ମିଳିଛି, ସେମାନଙ୍କ ଭିତରୁ କେହି ବ୍ୟକ୍ତି କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ସପକ୍ଷରେ ଉଗ୍ର ମତବାଦ ପୋଷଣ କରିନାହାନ୍ତି । ମଦର୍ ଟେରେସା ନିଜେ ଜଣେ ଖ୍ରୀଷ୍ଟିଆନ୍ ଥିଲେ ହେଁ ଭାରତରେ ତାଙ୍କର ମାନବସେବା, ବିଶେଷ କରି କୁଷ୍ଠରୋଗୀଙ୍କୁ ସେବାକାର୍ଯ୍ୟ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଭାରତର ନେତୃବୃନ୍ଦଙ୍କ ଭିତରେ ଏକ ସହମତି ଥିଲା । ଏହି ପରିପ୍ରେକ୍ଷୀରୁ ବିଚାର କଲେ ଦେଖାଯିବ ଯେ, ଉଗ୍ର ହିନ୍ଦୁତ୍ୱବାଦୀ ଏବଂ ଖ୍ରୀଷ୍ଟଧର୍ମ-ବିଦ୍ୱେଷୀ ଲକ୍ଷ୍ଣଣାନନ୍ଦଙ୍କୁ ଭାରତ ରତ୍ନ ଅର୍ପଣ କରିବାର ପ୍ରସ୍ତାବ ହିଁ ଏହି ମହାନ ଉପାଧି ପ୍ରତି ଚରମ ଧୃଷ୍ଟତା ହେବ ।

## କନ୍ଧମାଳରେ ଲକ୍ଷ୍ମଣାନନ୍ଦ

ଯେଉଁମାନେ 'ସ୍ୱାମୀ' ଲକ୍ଷ୍ମଣାନନ୍ଦଙ୍କ ପାଇଁ ଭାରତରତ୍ନ ଦାବୀ କରୁଛନ୍ତି, ସେମାନେ ପ୍ରଥମେ ସର୍ବସାଧାରଣଙ୍କ ଅବଗତି ପାଇଁ ତାଙ୍କର ଏକ ପୂର୍ଣ୍ଣାଙ୍ଗ ଜୀବନୀ ପ୍ରକାଶ କରିବା ଦରକାର, ଏବଂ ବିଶେଷ କରି କିଏ ଓ କେଉଁ ବିଶେଷ କାରଣରୁ ତାଙ୍କୁ 'ସ୍ୱାମୀ' ପଦରେ ଭୂଷିତ କରିଛନ୍ତି ତହିଁର ସୂଚନା ଦେବା ଦରକାର । ଅଶୀବର୍ଷରୁ ଉର୍ଦ୍ଧ୍ୱ ଏକ ସୁଦୀର୍ଘ ଆୟୁଷ୍କାଳ ଭିତରେ ସେ କାହାର କି ପ୍ରକାର ସେବା କରିଛନ୍ତି, ସେ ସମ୍ବନ୍ଧରେ ସର୍ବସାଧାରଣ ଅବଗତ ହେବା ଉଚିତ୍ । କେବଳ ଶୁଣିବା କଥା, ସେ କୁଆଡେ ଗତ ୪୦ବର୍ଷ ଧରି କନ୍ଧମାଳରେ ପଡିରହି ଆଦିବାସୀ କନ୍ଧମାନଙ୍କର ସାମାଜିକ-ଆର୍ଥିକ ଉତ୍ଥାନ ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି ତଥା ତଦ୍ୱାରା ଖ୍ରୀଷ୍ଟଧର୍ମର ପ୍ରସାରକୁ ରୋକି ପାରିଛନ୍ତି । ପ୍ରଥମତଃ, ନିକଟ ଅତୀତରେ ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ସମ୍ପାଦିତ ସର୍ବେକ୍ଷଣରୁ ଜଣାପଡିଛି ଯେ, ଓଡିଶାରେ ଆଦିବାସୀ-ବହୁଳ କନ୍ଧମାଳ ଜିଲ୍ଲା ହିଁ ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ସବାତଳେ ରହିଛି, ଅର୍ଥାତ୍ ସେଠିକାର ଲୋକେ ସୁବୁଠୁଁ ବେଶୀ ଅନାହାର ଓ ଅପୁଷ୍ଟି ଭୋଗିଚାଲିଛନ୍ତି । ଦ୍ୱିତୀୟତଃ, ଲକ୍ଷ୍ମଣାନନ୍ଦଙ୍କ ଦ୍ୱାରା ଶିକ୍ଷାର ପ୍ରସାର କହିଲେ ତାହା କେବଳ ଚକାପାଦ ଓ ଜଳେଶପେଟା ଭଳି ତାଙ୍କର ଆଶ୍ରମ ସହିତ ସଂଶ୍ଳିଷ୍ଟ କେତେକ ଅନୁଦାନ-ପୁଷ୍ଟ ଶିକ୍ଷାନୁଷ୍ଠାନ ଭିତରେ ସୀମିତ । ତୃତୀୟତଃ କନ୍ଧମାନେ ହିନ୍ଦୁ ନୁହଁନ୍ତି ବୋଲି କୁଇସମାଜ ତରଫରୁ ବାରମ୍ବାର କୁହାଯାଉଥିବା ବେଳେ ଲକ୍ଷ୍ମଣାନନ୍ଦ ସେମାନଙ୍କୁ ହିନ୍ଦୁ ବୋଲି ଦାବୀ କରିବା ଏବଂ ସେହି ନ୍ୟାୟରେ ଦଳିତ ପାଣ ଏବଂ ଖ୍ରୀଷ୍ଟିଆନ୍ ମାନଙ୍କ ବିରୁଦ୍ଧରେ ମତାଇବା କେତେଦୂର ଯଥାର୍ଥ  ? ପରିଶେଷରେ, ହିନ୍ଦୁଧର୍ମର ପ୍ରସାର ପାଇଁ ତାଙ୍କର ୪୦ବର୍ଷର ସାଧନା କନ୍ଧମାଳରେ ଖ୍ରୀଷ୍ଟଧର୍ମର ପ୍ରସାରକୁ ରୋକି ପାରିଛି କି ? ନା । କାରଣ, ଯେଉଁ ବାସ୍ତବ କାରଣ ପାଇଁ ଉଭୟ କନ୍ଧ ଓ ପାଣମାନେ ହିନ୍ଦୁଧର୍ମ ବଦଳରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି, ଯଥା ଅସ୍ପୃଶ୍ୟତା, ଜାତିପ୍ରଥା ଓ ବଳିପ୍ରଥା ଇତ୍ୟାଦି କୁସଂସ୍କାରରୁ ମୁକ୍ତି ତଥା ଶିକ୍ଷା ଏବଂ ଏକ ଉନ୍ନତ ଜୀବନଶୈଳୀ ପ୍ରତି ଆକର୍ଷଣ, ହିନ୍ଦୁଧର୍ମ ଭିତରେ ସେପ୍ରକାର ସଂସ୍କାର ଆଣିବା ପାଇଁ ଲକ୍ଷ୍ମଣାନନ୍ଦ ଚେଷ୍ଟା କରିଛନ୍ତି କି ? ଫଳେନ ପରିଚୟତେ ନ୍ୟାୟରେ ଏହାର ଉତ୍ତର ମଧ୍ୟ 'ନା' ।

## ଉଗ୍ର ସାଂପ୍ରଦାୟିକତାର ଏକ ଲମ୍ବା ରେକର୍ଡ

ବିଭିନ୍ନ ଧର୍ମ ଓ ଜାତିର ଲୋକଙ୍କୁ ନେଇ ଭାରତର ଗାଁ ଓ ସହରରେ ଜନବସତି ଗଢିଉଠିଛି । ବିଭିନ୍ନ ଜନଗୋଷ୍ଠୀଙ୍କ ଭିତରେ ଯେମିତି ଦ୍ୱନ୍ଦ୍ୱ ରହିଛି, ସେମିତି ସହାବସ୍ଥାନ ମଧ୍ୟ ରହିଛି । ଏହି ବାସ୍ତବତାକୁ ଆଧାର କରି ଭାରତର ସମ୍ବିଧାନ ତାହାର ମୌଳିକ ଅଧିକାର ଅଧ୍ୟାୟରେ ଧାର୍ମିକ ସ୍ୱାଧୀନତାକୁ ସ୍ଥାନିତ କରିବା ସହିତ ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁ ଗୋଷ୍ଠୀଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଖଞ୍ଜିଛି । କିନ୍ତୁ, ଯଦି ଗୋଟିଏ ଧର୍ମାନ୍ଧ ଏବଂ ଜାତିବାଦୀ ଶକ୍ତି ଅନ୍ୟ ଏକ ଧର୍ମ ବା ଜାତି ବିରୁଦ୍ଧରେ ଲଗାତାର ପ୍ରଚାର ଅଭିଯାନ କରିଚାଲେ ତେବେ ତାହା ଦିନେ ନା ଦିନେ ଧର୍ମ-ଧର୍ମ ଓ ଜାତି-ଜାତି ଭିତରେ ଥିବା ସହାବସ୍ଥାନର ସ୍ୱାଭାବିକ ସନ୍ତୁଳନକୁ ବିଗାଡି ଦେଇପାରେ । କନ୍ଧମାଳରେ ତାଙ୍କର ସୁଦୀର୍ଘ ଜୀବନକାଳ ଭିତରେ ଲକ୍ଷ୍ମଣାନନ୍ଦ ଠିକ୍ ଏହାହିଁ କରିଛନ୍ତି । ଏହାର ପ୍ରମାଣ ଖୋଦ୍ ପୋଲିସ୍ ରେକର୍ଡରେ ମହଜୁଦ୍ ଅଛି । ଦୃଷ୍ଟାନ୍ତ ସ୍ୱରୂପ, ୨୦୦୪ ଜୁଲାଇ-ଅଗଷ୍ଟରେ ରାଇକିଆ ଅଞ୍ଚଳରେ ଖ୍ରୀଷ୍ଟିଆନ୍ ପରିଚାଳିତ ବିଜୟ ହାଇସ୍କୁଲ୍ର ସୀମାରେଖାକୁ ନେଇ ସ୍ଥାନୀୟ ବ୍ୟବସାୟୀ ଗୋଷ୍ଠୀ ଓ ଖ୍ରୀଷ୍ଟିଆନ୍ ପରିଚାଳନା କମିଟି ଭିତରେ ଏକ ଦ୍ୱନ୍ଦ ସୃଷ୍ଟି ହେବା ପରେ ପ୍ରଶାସନିକ ପ୍ରଚେଷ୍ଟାରେ ଉଭୟ ସଂପ୍ରଦାୟର ଲୋକଙ୍କୁ ନେଇ ଏକ ଶାନ୍ତି କମିଟି ଗଢା ଯାଇଥିଲା । ସେହି ସମୟରେ ଲକ୍ଷ୍ମଣାନନ୍ଦଙ୍କ ନେତୃତ୍ୱରେ ହିନ୍ଦୁ ବ୍ୟବସାୟୀ ଗୋଷ୍ଠୀଙ୍କର ଏକ ଗୋପନ ବୈଠକ ବସିଥିଲା ଓ ସେଥିରେ ଠିକ୍ ହୋଇଥିଲା ଯେ, ହିନ୍ଦୁମାନେ ଏକଜୁଟ୍ ହୋଇ ବଳପୂର୍ବକ ଭାବେ ସଂପୃକ୍ତ ଖ୍ରୀଷ୍ଟିଆନ୍ ସ୍କୁଲ୍ର ପରିସୀମାରେ ଥିବା ବାଡକୁ ଭାଙ୍ଗିଦେବେ । ରାଇକିଆ ଥାନାର ତଦାନୀନ୍ତନ ଦାୟିତ୍ୱ-ନିର୍ବାହୀ ଅଧିକାରୀ ଏବିଷୟରେ କନ୍ଧମାଳ ଏସ୍.ପି.ଙ୍କୁ ପତ୍ରସଂଖ୍ୟା ୬୧୪ ତା ୨୮.୮.୨୦୦୪ରେ ଏକ ଗୋପନୀୟ ଚିଠି ଲେଖିଥିଲେ । ସେହି ସମୟରେ ବିଭିନ୍ନ ବିରୋଧୀ ଦଳର ଏକ ପ୍ରତିନିଧି-ମଣ୍ଡଳୀ ରାଇକିଆ ଗସ୍ତ କରି ଖ୍ରୀଷ୍ଟିଆନ୍ ବିରୋଧୀ ସାଂପ୍ରଦାୟିକ ଉତ୍ତେଜନାକୁ ଉସ୍କାନି ଦେଉଥିବା ଲକ୍ଷ୍ମଣାନନ୍ଦଙ୍କୁ ଗିରଫ କରିବା ପାଇଁ ମଧ୍ୟ ଦାବୀ କରିଥିଲେ (ଦ୍ରଷ୍ଟବ୍ୟ- ଫ୍ରଣ୍ଟଲାଇନ୍, ୨୫ ସେପ୍ଟେମ୍ବର- ୮ ଅକ୍ଟୋବର ସଂଖ୍ୟା, ୨୦୦୪) । ଏହି ଘଟଣାର ବହୁ ପୂର୍ବରୁ ନଭେମ୍ବର ୧୯୮୬ରୁ ଫେବୃଆରୀ ୧୯୮୭ ଭିତରେ ଲକ୍ଷ୍ମଣାନନ୍ଦଙ୍କ ଦ୍ୱାରା କନ୍ଧମାଳରେ ଲକ୍ଷ୍ମଣାନନ୍ଦଙ୍କ ଦ୍ୱାରା ଏକ ରଥ ପରିକ୍ରମା କାର୍ଯ୍ୟକ୍ରମ ଯୋଗୁଁ ସାଂପ୍ରଦାୟିକ ଉତ୍ତେଜନା ବଢିଥିଲା ଏବଂ ୧୮ଟି ଚର୍ଚ୍ଚପୋଡି ସହିତ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ୍ଙ୍କ ବିରୁଦ୍ଧରେ ବହୁ ଧର୍ତ୍ତବ୍ୟ ଅପରାଧ ସଂଗଠିତ ହୋଇଥିଲା । ଏହି ତଥ୍ୟ କନ୍ଧମାଳ ଜିଲ୍ଲାର ଖୋଦ୍ ସରକାରୀ ୱେବ୍ସାଇଟ୍ରେ ଉପଲବ୍ଧ । ସୁତରାଂ ୨୦୦୭ ଡିସେମ୍ବର ୨୫ରେ ଲକ୍ଷ୍ମଣାନନ୍ଦଙ୍କ ପ୍ରତ୍ୟେକ୍ଷ ଇଙ୍ଗିତରେ ଏବଂ ୨୩ ଅଗଷ୍ଟ ୨୦୦୮ରେ ମାଓବାଦୀଙ୍କ ଦ୍ୱାରା ତାଙ୍କର ନିଧନ ହେବା ପରେ ତାଙ୍କର ଭକ୍ତମାନଙ୍କ ଦ୍ୱାରା ଯେଉଁ ଖ୍ରୀଷ୍ଟିଆନ୍ ମାରଣ ଦଙ୍ଗା ସୃଷ୍ଟି ହୋଇଥିଲା, ଏହା ପଛରେ ତାଙ୍କ ଦ୍ୱାରା ବର୍ଷବର୍ଷ ଧରି ଲଗାତାର ସାଂପ୍ରଦାୟିକ ପ୍ରଚାର-କାର୍ଯ୍ୟ ଯେ ମୂଳତଃ ଦାୟୀ, ଏଥିରେ ସନ୍ଦେହ ନାହିଁ । ଅବଶ୍ୟ ଏକଥା ସତ, ଆଦିବାସୀ କନ୍ଧଙ୍କ ଭିତରୁ ଏକାଂଶ ଏପ୍ରକାର ଅପପ୍ରଚାରର ଶୀକାର ହୋଇଛନ୍ତି । କିନ୍ତୁ କନ୍ଧମାଳରେ ଲକ୍ଷ୍ମଣାନନ୍ଦଙ୍କ ମୁଖ୍ୟ ସହଯୋଗୀ ରହିଆସିଛନ୍ତି ସେଠାକାର ବେପାରୀ ଓ ଅମଲା ଗୋଷ୍ଠୀ, ଯେଉଁମାନେ କି କନ୍ଧ ନୁହଁନ୍ତି କି ପାଣ ନୁହଁନ୍ତି, ବରଂ ବାହାରୁ ଆସିଥିବା ସବର୍ଣ୍ଣ ହିନ୍ଦୁ, ଯେଉଁମାନେ କି ବାସ୍ତବରେ ଉଭୟ କନ୍ଧ ଓ ପାଣଙ୍କର ଜମି ହଡପ କରିଛନ୍ତି, ସେମାନଙ୍କର ଅଜ୍ଞତାର ସୁଯୋଗ ନେଇ ବିଭିନ୍ନ ପ୍ରକାରେ ଶୋଷଣ କରିଛନ୍ତି, ଜାଲ୍ ସାର୍ଟିଫିକେଟ୍ ହାସଲ କରି ପ୍ରଶାସନ ଠାରୁ ବିଭିନ୍ନ ପ୍ରକାର ଫାଇଦା ଉଠାଇଛନ୍ତି ତଥା ଯେଉଁମାନେ କନ୍ଧ ଓ ପାଣଙ୍କ ଭିତରେ କଳି ଲଗାଇରଖି ନିଜର ଶୋଷଣ ଓ ଆଧିପତ୍ୟକୁ ବଜାୟ ରଖିବାକୁ ଚାହାନ୍ତି । ଉପରୋକ୍ତ ପୋଲିସ୍ ଅଧିକାରୀଙ୍କ ଚିଠିରୁ ଲକ୍ଷ୍ମଣାନନ୍ଦଙ୍କ ସହ ବେପାରୀ ଗୋଷ୍ଠୀଙ୍କ ମଧୁର ସଂପର୍କ ସ୍ପଷ୍ଟ ହୋଇଥାଏ । ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସୁଯୋଗ ନେଇ ଏବଂ ସେ ଛାଡିଯାଇଥିବା ସାଂପ୍ରଦାୟିକ ପରିଭାଷାକୁ ବ୍ୟବହାର କରି ତାଙ୍କର ଭକ୍ତ ବୋଲାଉଥିବା ଏହି ତୃତୀୟ ଗୋଷ୍ଠୀ ହିଁ ଖ୍ରୀଷ୍ଟିଆନ୍ ଏବଂ ଦଳିତ ବର୍ଗଙ୍କୁ ମୂଳପୋଛ କରିବା ଉଦ୍ଦେଶ୍ୟରେ କନ୍ଧମାନଙ୍କୁ ମୋଟରଗାଡି ସହିତ ପେଟ୍ରୋଲ୍, ବନ୍ଧୁକ ଓ ବୋମା ଇତ୍ୟାଦି ମାରଣାସ୍ତ୍ର ଯୋଗାଇ ଦେଇଥିଲେ । ଏହି ଗୋଷ୍ଠୀ ହିଁ ଭାରତ ମାତା କୀ ଜୟ, ବନ୍ଦେ ମାତରଂ ଏବଂ ସ୍ୱାମିଜୀ କୀ ଜୟ ଇତ୍ୟାଦି ଧ୍ୱନି ଦେଇ ନାରୀଧର୍ଷଣ, ଗୃହଦାହ ଓ ଲୁଟତରାଜ ଇତ୍ୟାଦି ବିଭୀଷିକାର ନେତୃତ୍ୱ ନେଇଛନ୍ତି । ଏହା କଦାପି ବିସ୍ମୟକର ନୁହେଁ ଯେ, କ.ନୂଆଗାଁରେ ଭଗ୍ନୀ ମୀନାଙ୍କୁ ବଳାତ୍କାର କରିଥିବା ମୁଖ୍ୟ ଅଭିଯୁକ୍ତ ୩ଜଣ ହେଉଛନ୍ତି ସବର୍ଣ୍ଣ ହିନ୍ଦୁ ଏବଂ ଲକ୍ଷ୍ମଣାନନ୍ଦଙ୍କ ଚେଲାଚାମୁଣ୍ଡା । ଭାଗବତରେ କୁହାଯାଇଛି, ପ୍ରାଣୀଙ୍କ ଭଲମନ୍ଦ ବାଣୀ, ମରଣ କାଳେ ତାହା ଜାଣି । ଲକ୍ଷ୍ମଣାନନ୍ଦଙ୍କ ହତ୍ୟାପରେ ତାଙ୍କର ଚେଲାମାନେ ସର୍ବତ୍ର ଯେପରି ଉଦ୍ବାର୍ଯ୍ୟ ହୋଇଉଠିଲେ, ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଏସବୁ କଳା ଗୁରୁଙ୍କ ଠାରୁ ଆସି ନାହିଁ ତ ! ସୁତରାଂ ଲକ୍ଷ୍ମଣାନନ୍ଦଙ୍କୁ ଭାରତ ରତ୍ନ ପ୍ରସ୍ତାବ ହିଁ ପାଗଳର ଅପଳାପ ନୁହେଁ ତ ଆଉ କ'ଣ  ?

Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, Dt- 30th Nov. 2008